ଓଡିଶା ପୁଲିସ
ବକ୍ସିବଜାର, କଟକ-୭୫୩୦୦୧

# ଉପଦେଶାବଳୀ

## ସାଇବର ଠକଙ୍କ ନୂତନ ଅପରାଧ ଶୈଳୀ (Social Media ମାଧ୍ୟମରେ)

୧. ପ୍ରଥମେ ସାଇବର ଠକ ଯେଉଁ ମାନଙ୍କର Facebook ଆକାଉଣ୍ଟ ଅଛି, ସେମାନକର profile କୁ visit କରି friend request ପଠାନ୍ତି ।

୨. ଏହାପରେ Messenger ରେ ଦୁଇଜଣକ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇ ବାର୍ତ୍ତାଳାପ ହୁଏ ।

୩. ସାଇବାର ଠକ ପୀଡିତ / ପୀଡ଼ିତାର WhatsApp ନମ୍ବର ମାଗି, ତା ସହିତ ଅଡିଓ ଏବଂ ତା'ପରେ video ଚାଟ କରିବା ପାଇଁ ଅନୁରୋଧ କରେ ।

୪. Facebook ରେ ଥିବା ସୁନ୍ଦର ଝିଅ / ପୁଅର ଫୋଟୋ ଦେଖି, ପୀଡିତ / ପୀଡ଼ିତା ଉକ୍ତ ଅନୁରୋଧକୁ accept କରିଥାଏ ।

୫. କିଛିଦିନ ପରେ ସେମାନଙ୍କ ମଧ୍ୟରେ ଅଶ୍ଳୀଳ video ଚାଟ ଆରମ୍ଭ ହୁଏ। ଏହି video ଚାଟକୁ ସାଇବର ଠକ ନିଜ ମୋବାଇଲ ଫୋନରେ ସ୍କ୍ରୀନ ରେକର୍ଡର ମାଧ୍ୟମରେ ରେକର୍ଡିଂ କରି ରଖିଦିଏ ।

୬. କିଛିଦିନ ପରେ ସେ ପୀଡ଼ିତାକୁ ତା'ର ପରିବାର ଲୋକ / relative କିମ୍ବା Social Media ରେ ପୋଷ୍ଟ କରିଦେବାର ଧମକ ଦେଇ Google Pay / Phonepe / ଅନ୍ୟ କୌଣସି UPI ମାଧ୍ୟମରେ ଟଙ୍କା ପଠାଇବାକୁ ବାଧ କରେ ।

୭. ଗତ କିଛିଦିନ ହେବ ଏହି ପ୍ରକାରର ଅନେକ ଅଭିଯୋଗ ଥାନା ମାନଙ୍କରେ report ହେଉଛି ।

**ଏଥିପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି ଯେ, Facebook କିମ୍ବା ଅନ୍ୟ Social Media ସାଇଟରୁ ଆସୁଥିବା friend request କୁ ବିନା ଯାଞ୍ଚରେ accept କରନ୍ତୁ ନାହିଁ ଏବଂ ଅଶ୍ଳୀଳ Video ଚାଟ କରନ୍ତୁ ନାହିଁ । ସାଇବାର ଠକ ଗ୍ୟାଙ୍ଗ ଏହିପରି ନୂତନ ଅପରାଧ ଶୈଳୀ ଅବଲମ୍ବନ କରି ଲୋକମାନଙ୍କ ଠାରୁ ଟଙ୍କା ଠକି ନେଇଯାଉଛନ୍ତି ।**




ଅତିରିକ୍ତ ମହାନିର୍ଦ୍ଦେଶକ
ଅପରାଧ ତଦନ୍ତ ଶାଖା
କ୍ରାଇମ ବ୍ରାଞ୍ଚ , କଟକ